# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28 March – 2025**

## ମୁଖ୍ୟମନ୍ତ୍ରୀ-ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ୪୦ତମ ଉଚ୍ଚସ୍ତରୀୟ ମଂଜୁରୀ କର୍ତ୍ତୃପକ୍ଷଙ୍କ ବୈଠକରେ ୧୦ଟି ପ୍ରମୁଖ ଶିଳ୍ପ ପ୍ରସ୍ତାବକୁ ମଂଜୁରୀ ମିଳିଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ, ୧ଲକ୍ଷ ୬୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁଞ୍ଜି ନିବେଶ ନିମନ୍ତେ ପ୍ରସ୍ତାବ ରହିଛି । ଇସ୍ପାତ, ଆଲୁମିନିୟମ, ବିଦ୍ୟୁତ୍ ଉତ୍ପାଦନ, ସବୁଜ ହାଇଡ୍ରୋଜେନ, ସବୁଜଶକ୍ତି ଉପକରଣ ଏବଂ ବୈଷୟିକ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଶିଳ୍ପଗୁଡ଼ିକ କଟକ, ଗଞ୍ଜାମ, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ଭଦ୍ରକ ଓ ରାୟଗଡ଼ାରେ ସ୍ଥାପନ କରାଯିବ । ସରକାରୀ ସୂଚନା ଅନୁସାରେ, ଏହି ଶିଳ୍ପ ପ୍ରକଳ୍ପ ଗୁଡ଼ିକ ପ୍ରତିଷ୍ଠା ହେଲେ ରାଜ୍ୟରେ ୫୨ ହଜାର କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ ।

## ରାସନ ସାମଗ୍ରୀ- ପରାମର୍ଶ

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀଙ୍କୁ ରାସନ ସାମଗ୍ରୀ ସକାଳ ୭ଟାରୁ ୧୦ଟା ଏବଂ ସନ୍ଧ୍ୟା ୫ଟାରୁ ୮ଟା ମଧ୍ୟରେ ବଣ୍ଟନ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ

ଦିଆଯାଇଛି । ହିତାଧିକାରୀମାନଙ୍କ ପାଇଁ ସରକାରୀ ସୁଲଭ ମୂଲ୍ୟ ଦୋକାନ ଗୁଡ଼ିକରେ ଅସ୍ଥାୟୀ ଆଶ୍ରୟସ୍ଥଳୀ, ପାନୀୟ ଜଳ, ଓଆରଏସ୍ ମହଜୁଦ ରଖିବା ସହ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦିଆଯାଉଛି ।

## ରାସନକାର୍ଡ

ଗ୍ରାମାଞ୍ଚଳରେ ମାସିକ ୧୦ ହଜାର ଟଙ୍କା ଏବଂ ସହରାଞ୍ଚଳରେ ମାସିକ ୧୫ ହଜାର ଟଙ୍କା ଆୟ କରୁଥିବା ହିତାଧିକାରୀଙ୍କ ରାସନକାର୍ଡ କଟିବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।

**V/O**

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୫ ଲକ୍ଷ ୨୩ ହଜାରରୁ ଅଧିକ ଅଯୋଗ୍ୟ ହିତାଧିକାରୀ ରାସନ ତାଲିକାରୁ ବାଦ୍ ପଡ଼ିଛନ୍ତି ।

ସରକାରଙ୍କ ଏହି ପଦକ୍ଷେପ ଯୋଗୁଁ ରାଜ୍ୟ ରାଜକୋଷକୁ ମାସିକ ପ୍ରାୟ ୧୦ କୋଟି ଟଙ୍କା ପାଣ୍ଠି ସଂଚୟ ହୋଇପାରୁଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

## ରେଳ ନେଟୱାର୍କ

ସଡ଼କ, ରେଳ ଏବଂ ମେଟ୍ରୋ କ୍ଷେତ୍ରରେ ଭିତ୍ତିଭୂମି ପ୍ରକଳ୍ପର ମୂଲ୍ୟାଙ୍କନ ପାଇଁ ନେଟୱାର୍କ ଯୋଜନା ଗୋଷ୍ଠୀର ୯୦ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଯାଜପୁର-କେନ୍ଦୁଝରରୁ ଧାମରା ବନ୍ଦର

ମଧ୍ୟରେ ନୂଆ ବ୍ରଡଗେଜ୍ ରେଳ ଲାଇନ୍ ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ରେଳ ମନ୍ତ୍ରଣାଳୟ ପୂର୍ବତଟ ରେଳବାଇ ମାଧ୍ୟମରେ ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଯାଜପୁର-କେନ୍ଦୁଝର ରୋଡ୍‌ରୁ ଆରଡି ମଧ୍ୟ ଦେଇ ଧାମରା ବନ୍ଦର ପର୍ଯ୍ୟନ୍ତ ଏକ ୧୦୧.୨୬ କିଲୋମିଟର ଦୀର୍ଘ ବ୍ରଡ୍‌ଗେଜ୍ ରେଳ ଲାଇନ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି ।

---

## ସମବାୟ ବର୍ଷ

ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଗତକାଲି ଭଦ୍ରକ ସରକାରୀ ନିୟନ୍ତ୍ରିତ ବଜାର ସମିତି-ଆରଏମ୍‌ସି ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ପ୍ରାୟ ୨ ହଜାର ୬୦୦ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସମବାୟ ସମିତି ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିତ ଭାବେ ୮୭ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

---

## ନିଯୁକ୍ତିମେଳା

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ କନ୍ଧମାଳ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆଜି ଫୁଲବାଣୀର କରୋନେସନ ପଡ଼ିଆରେ ନିଯୁକ୍ତିମେଳା ଅନୁଷ୍ଠିତ ହେବ । ପଞ୍ଚମ ଶ୍ରେଣୀରୁ ସ୍ନାତକୋତ୍ତର ପାସ୍ କରିଥିବା ଯୁବକଯୁବତୀମାନେ ଏହି ମେଳାରେ ଭାଗ ନେଇପାରିବେ । ଇଚ୍ଛୁକ ପ୍ରାର୍ଥୀ ନିଜର ଶିକ୍ଷାଗତ ଯୋଗ୍ୟତା, ଜାତିଗତ ପ୍ରମାଣପତ୍ର ଏବଂ ଅନ୍ୟ ଜରୁରୀ ପ୍ରମାଣପତ୍ର ଆଣିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

---

## କୃଷିଯନ୍ତ୍ରପାତି ମେଳା

କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ୫ ଦିନିଆ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଛି । କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ପାଳନ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ମେଳାରେ କୃଷିକାର୍ଯ୍ୟ ପାଇଁ ଆଧୁନିକ ଯନ୍ତ୍ରପାତି ଚାଷୀଙ୍କୁ ସହଜରେ ସ୍ୱଳ୍ପ ଓ ରିହାତି ମୂଲ୍ୟରେ ଉପଲବ୍ଧ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନ  କହିଛନ୍ତି ଜିଲ୍ଲାର ୯ଟି ବ୍ଲକର ଚାଷୀ ଏହି କାର୍ଯ୍ୟକ୍ରମରୁ ଲାଭ ପାଇବେ ।

## ପୁରସ୍କାର

ସମ୍ପୂର୍ଣ୍ଣ ଭୋଜନ ସୁସ୍ଥ ଜୀବନ ଟ୍ୟାଗ୍ କାର୍ଯ୍ୟକ୍ରମ ମାଧ୍ୟମରେ ପରିଚାଳିତ ଇଟ୍ ରାଇଟ୍ ଚ୍ୟାଲେଞ୍ଜ ଫେଜ୍ ୨୦୨୪ରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଶ୍ରୀଜଗନ୍ନାଥ ମନ୍ଦିର ପୁରସ୍କୃତ ହୋଇଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଇଟ୍ ରାଇଟ୍ କ୍ୟାମ୍ପସ୍ ଭାବେ ଓ ଶ୍ରୀଜଗନ୍ନାଥ ମନ୍ଦିରକୁ ଇଟ୍ ରାଇଟ୍ ପ୍ଲେସ୍ ଅଫ୍ ଓର୍‌ସିପ୍ ନିମନ୍ତେ ପୁରସ୍କୃତ କରାଯାଇଛି । ଫୁଡ୍ ଏବଂ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ୍ ପକ୍ଷରୁ ଏକ ଅଡିଟରଙ୍କ ଦଳ ମାଲକାନଗିରି ଜିଲ୍ଲା ଗସ୍ତ କରି ଖାଦ୍ୟର ସୁରକ୍ଷା ଓ ମାନ ନିରୀକ୍ଷଣ କରିଥିଲେ ।

## ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ରବିବାର ପର୍ଯ୍ୟନ୍ତ ରାଜ୍ୟର ଆଭ୍ୟନ୍ତରୀଣ ଓ ପଶ୍ଚିମ ଜିଲ୍ଲାଗୁଡ଼ିକରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି

ପାଇବ । ଏହି ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀରୁ ଊର୍ଦ୍ଧ୍ୱରେ ରହିବ ଏବଂ ଉପକୂଳ ଜିଲ୍ଲାଗୁଡ଼ିକରେ ମଧ୍ୟ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ରାଜ୍ୟରେ ୨୦୨୦ରୁ ୨୦୨୪ ମସିହା ମଧ୍ୟରେ ୪ ବର୍ଷରେ  ୨୩ଟି ଜିଲ୍ଲାରେ ଭୂତଳ ଜଳ ସ୍ତର ହ୍ରାସ ପାଇଥିବା ନେଇ ବିଧାନସଭାରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଗଜପତି ଓ ରାୟଗଡ଼ା ଜିଲ୍ଲାରେ ଅଧିକ ପରିମାଣରେ ଭୂତ ଜଳସ୍ତର କମିଥିବା ବେଳେ ବେଳେ ପଶ୍ଚିମ ଓଡ଼ିଶାର ୮୦ ପ୍ରତିଶତ ଜିଲ୍ଲାରେ ଭୂତଳଜଳସ୍ତର ହ୍ରାସ ପାଇଛି । ହେଲେ ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ମାଲକାନଗିରି, ସମ୍ବଲପୁର ଓ ନୂଆପଡ଼ା ଜିଲ୍ଲାରେ ଭୂତଳ ଜଳସ୍ତର ବୃଦ୍ଧି ପାଇଛି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି ।

..............................................................................